



# ଅଚିହ୍ନା ଶବ ପୁଲିସ ପାଇଁ ଆହ୍ୱାନ

କଟକ, ୫।୬(ସମିସ)

କଟକ ୟୁପିଡିର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧମୂଳକ କାର୍ଯ୍ୟକଳାପ ଓ ସନ୍ଦେହଜନକ ମୃତ୍ୟୁର ଗ୍ରାଫ୍ ଉପରମୁହାଁ ହେଲାଣି। ମାତ୍ର ୨୦ ଦିନ ମଧ୍ୟରେ କଟକ ଓ ବାରଙ୍ଗର ନିର୍ଜନ ସ୍ଥାନ, ନଦୀପଠା ଏବଂ ରେଳଧାରଣା ପାର୍ଶ୍ୱରୁ ୫ଟି ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଓ ଆତଙ୍କ ଖେଳାଇ ଦେଇଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଏହି ୫ଟି ମୃତଦେହ ମଧ୍ୟରୁ ପୁଲିସ କେବଳ ଜଣେ ଯୁବତୀଙ୍କ ପରିଚୟ ଖୋଜିବାରେ ସଫଳ ହୋଇଥିବା ବେଳେ ବାକି ୪ଟି ମୃତଦେହ କାହାର ଏବଂ ସେମାନଙ୍କ ସହ କ'ଣ ଘଟିଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ବାରଙ୍ଗର ନିର୍ଜନ ନଦୀପଠା, କେନାଲ ବନ୍ଧ ଏବଂ ଅପରିଚିତ ଇଲାକା ଏବେ ଅପରାଧୀଙ୍କ ପାଇଁ ଏକ ପ୍ରକାର 'ସେଫ୍ ଜୋନ୍' ବା ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିଛି। ଗୋଟିଏ ପରେ ଗୋଟିଏ ୫ଟି ଶବ ଉଦ୍ଧାର ହେବା ପରେ ୪ଶବକୁ ଚିହ୍ନଟ ନକରିପାରିବା କମିସନରେଟ୍ ପୁଲିସର ଚିନ୍ତାର ବିଷୟ ପାଲଟିଛି।

ଏସବୁ ମୃତଦେହ ଉଦ୍ଧାର ପ୍ରକ୍ରିୟାର ପ୍ରଥମ ଘଟଣା ଗତ ମେ ୧୫ ତାରିଖରେ ବାରଙ୍ଗ ଥାନା ଅନ୍ତର୍ଗତ ଗୋଠପୁର ଗ୍ରାମ ନିକଟସ୍ଥ ରେଳଧାରଣାରୁ ସାମ୍ନାକୁ ଆସିଥିଲା। ରେଳଧାରଣା ମଝିରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତଦନ୍ତ ସମୟରେ ମୃତକଙ୍କ ନିକଟରୁ ତାମିଲନାଡୁର ତିରୁକିଲାପରୀରୁ ଓଡ଼ିଶାର ସୋର ପର୍ଯ୍ୟନ୍ତ ଏକ ସାଧାରଣ ବର୍ଗର ଟ୍ରେନ୍ ଟିକେଟ୍ ଜବତ ହୋଇଥିଲା। ତେବେ ଉକ୍ତ ଟିକେଟ୍‌କୁ ଆଧାର କରି ପୁଲିସ ଖୋଜଖବର ଚଳାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଯୁବକଙ୍କ ପ୍ରକୃତ ପରିଚୟ ମିଳିପାରିନାହିଁ। ଏହା ଦୁର୍ଘଟଣା, ଆତ୍ମହତ୍ୟା ନା ହତ୍ୟା ତାହା ଅସ୍ପଷ୍ଟ ରହିଛି।

- **କଟକ ୟୁପିଡିରେ ୨୦ ଦିନରେ ମିଳିଲାଣି ୫ ମୃତଦେହ**
- **ମିଳୁନି ୪ ଜଣଙ୍କ ପରିଚୟ: ଜଣଙ୍କ ଶବକୁ ଚିହ୍ନଟ କରିଛି ପୁଲିସ**
- **ଅନ୍ଧାରରେ ବାଡ଼ି ବୁଲାଉଛି କମିସନରେଟ୍ ପୁଲିସ**

ଏହି ଘଟଣାର ମାତ୍ର ୭ ଦିନ ପରେ ମେ ୨୧ ତାରିଖରେ ବାରଙ୍ଗ ଥାନା ବ୍ରାହ୍ମଣୀ ଗ୍ରାମ ନିକଟ କାଠଯୋଡ଼ି ନଦୀ ପଠାରେ ଏକ ବିଭତ୍ସ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ କିଛି କୁକୁର ବାଲି ଖୋଳି ମଣିଷର ହାତ ଓ ଗୋଡ଼ ଟାଣି ଖାଉଥିବା ଦେଖିଥିଲେ। ବାଲି ଭିତରୁ ଜଣେ ଅଜଣା ମହିଳାଙ୍କ ଅଧା ପୋତା ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ମହିଳାଙ୍କ ହାତଟି ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିବାରୁ ତାଙ୍କୁ ପୋଡ଼ି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରାଯାଇଥିବା ସନ୍ଦେହ ହେଉଛି। ଘଟଣାସ୍ଥଳରେ ଡିସିପି ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଥିଲେ ମଧ୍ୟ ଏହି ମହିଳାଙ୍କ ପରିଚୟ ମିଳିପାରିନାହିଁ।

ସେହିପରି ଗତ ମେ ୨୬ ତାରିଖରେ କଟକ ସହରର ଖାନନଗର ବୁରୁଜ ପାର୍କ ଏବଂ ନଦୀ ଆରପାରିରେ ଥିବା ମୁକାମେଶ୍ୱର ମନ୍ଦିରର ଠିକ୍ ମଧ୍ୟଭାଗରେ ଥିବା କାଠଯୋଡ଼ି ଶୁଖିଲା ବାଲିରୁ ପୁଣି ଜଣେ ପ୍ରାୟ ୩୫ରୁ ୪୫ ବର୍ଷ ବୟସର ଅଜଣା ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଉଦ୍ଧାର କରିଥିଲା ବାଦାମବାଡ଼ି ଥାନା ପୁଲିସ। ମୃତ ମହିଳାଙ୍କ ଡାହାଣ ହାତରେ ଲାଲ୍ ରଙ୍ଗର ଶଙ୍ଖା ରହିଥିବା ବେଳେ ଘଟଣାସ୍ଥଳରୁ ପୁରୁଷଙ୍କ ବ୍ୟବହୃତ ହଳେ ଚପଲ ମିଳିଥିଲା, ଯାହା ଏକ ସଙ୍ଗୀନ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ପୁଲିସ ଏହାକୁ ନଦୀପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା କହୁଛି। ଏପର୍ଯ୍ୟନ୍ତ ଏହି ଶବର ପରିଚୟ ମିଳିପାରିନାହିଁ। ଏହି କ୍ରମରେ ଗତ ମେ ୨୮ ତାରିଖରେ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଗିଜଳା ପଡ଼ିଆ ନିକଟରୁ ଜଣେ ପ୍ରାୟ ୪୦ରୁ ୪୫ ବର୍ଷ ବୟସ୍କ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ପରିଚୟ ମଧ୍ୟ ମିଳିପାରିନାହିଁ। ତେବେ ଗତ ଗୁରୁବାର ବଢ଼ିଭୋର ସମୟରେ ବାରଙ୍ଗ କାଠଯୋଡ଼ି ନଦୀର ସୁଭାଷ ସେତୁ ନିକଟରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହେବା ପରେ ଏହି ସମଗ୍ର ୫ଟି ଘଟଣା ମଧ୍ୟରୁ ପୁଲିସ ପ୍ରଥମ ସଫଳତା ପାଇଛି। ମର୍ଣ୍ଣିଂୱାକ୍‌ରେ ଯାଉଥିବା ଲୋକେ ବ୍ରିଜ୍ ଉପରେ ଏକ ଗୋଲାପୀ ରଙ୍ଗର ବ୍ୟାଗ୍ ଓ ଚପଲ ଦେଖି ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନଦୀ ଭିତରୁ ଜିନ୍ସ ପ୍ୟାଣ୍ଟ ଓ କଳା ଟି-ସାର୍ଟ ପିନ୍ଧିଥିବା ଜଣେ ଯୁବତୀଙ୍କ ଶବ ଉଦ୍ଧାର କରାଯାଇଥିଲା। ଜବତ ବ୍ୟାଗରୁ ମିଳିଥିବା ତଥ୍ୟ ଆଧାରରେ ଯୁବତୀ ଜଣକ ମୟୂରଭଞ୍ଜ ଉଦଳା ଅଞ୍ଚଳର ଚନ୍ଦ୍ରିକା ହେମ୍ବ୍ରମ ବୋଲି ପୁଲିସ ପରିଚୟ ପାଇଛି। ଗୋଟିଏ ମାସ ଭିତରେ ବାରଙ୍ଗରେ ପୋଡ଼ା କଙ୍କାଳ ମିଳିବା, ମୁଣ୍ଡଳୀରେ ଖଣ୍ଡା ଚୋଟରେ ୩ ରକ୍ତାକ୍ତ ହେବା ଏବଂ କ୍ରମାଗତ ଶବ ମିଳିବା କମିସନରେଟ୍ ପୁଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛି।

## ୩୦ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୨ ଗିରଫ

କଟକ, ୫।୬(ସମିସ): ଅବକାରୀ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଦୁଇଟି ପୃଥକ ସ୍ଥାନରୁ ଦୁଇ ଜଣ ପେସାଦାର ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଜଳେଶ୍ୱର ଅଞ୍ଚଳର ସେଖ. ଶାହ ଆଲାମ(୨୭) ଓ କଟକ ଜିଲ୍ଲା କିଶନନଗର ଥାନା ତରିଲୋ ଗାଁର ଦୀପ୍ତିରଞ୍ଜନ ସ୍ୱାଇଁ(୩୬)। ଅଭିଯୁକ୍ତଙ୍କ ପାଖରୁ ୩୦୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ଆଜି ପୂର୍ବାହ୍ନରେ ସୂଚନା ମିଳିଥିଲା ଯେ ଓଏମପି ଛକରେ ଜଣେ ଯୁବକ ନିଶାଦ୍ରବ୍ୟ ଧରି ଛିଡା ହୋଇଛି। ଏହାପରେ ଅବକାରୀ ଟିମ ତୁରନ୍ତ ଚଢଉ କରି ସେଠାରୁ ଅଭିଯୁକ୍ତ ଶାହ ଆଲମକୁ ମାଡି ବସିଥିଲା। ତଲାସି ପରେ ତା' ପାଖରୁ ୨୬୪ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। କଟକର ଜଣେ ନିଶା ବେପାରୀ ପାଇଁ ଜଳେଶ୍ୱରରୁ ବ୍ରାଉନସୁଗର ଧରି ଆସିଥିବା ଜେରାବେଳେ ଅଭିଯୁକ୍ତ ସ୍ୱୀକାର କରିଛି। ଅନ୍ୟ ଏକ ଘଟଣାକ୍ରମେ, ଅବକାରୀ ଟିମ କେନ୍ଦ୍ରାପଡ଼ା କେନାଲ ସଂଲଗ୍ନ ତରିଲୋ ଗାଁ ଛକରେ ଚଢଉ କରିଥିଲା। ଏହି ସମୟରେ ଅବକାରୀ ଟିମକୁ ଦେଖି ନିଶାଦ୍ରବ୍ୟ ଧରି ଛିଡା ହୋଇଥିବା ଦୀପ୍ତି ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ତା' ପାଖରୁ ୩୬ ଗ୍ରାମର ବ୍ରାଉନସୁଗର ମିଳିଛି। ଜବତ ହୋଇଥିବା ମୋଟ ୩୦୦ ଗ୍ରାମ ଓଜନର ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି। ଇନ୍ସପେକ୍ଟର ଅବନି କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସଆଇ ସୌମ୍ୟରଞ୍ଜନ ମାଝୀ, ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋରଚନ୍ଦ୍ର ରାଉତ, କନଷ୍ଟେବଳ ସଞ୍ଜୟ ଦାସ, ପ୍ରକାଶ ଶତପଥୀ, ଅଶ୍ୱିନୀ ପରିଡ଼ା, ସତ୍ୟବ୍ରତ ସାହୁ, ମାନସ ରଞ୍ଜନ ବେହେରା ପ୍ରମୁଖ ଚଢଉରେ ସାମିଲ ଥିଲେ।

## 'ବିଷ୍ଣୁ ବିଭବ'ରେ କବିତା ପାଠୋତ୍ସବ, ବୃକ୍ଷରୋପଣ ଓ ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର, ୫।୬(ସମିସ): ବିଷ୍ଣୁ ସେଠୀ ଫାଉଣ୍ଡେସନ ଓ ସାହିତ୍ୟ ସଂସ୍କୃତି ସଂସଦ ସାଧନା ପକ୍ଷରୁ ଜନନେତା, ସାହିତ୍ୟିକ ଓ ସମାଜସେବୀ ବିଷ୍ଣୁ ସେଠୀଙ୍କ ୬୬ତମ ଜୟନ୍ତୀ ପାଳନ ହୋଇଯାଇଛି। ଅତିଥି ଭାବରେ ପୂର୍ବତନ ବିଧାୟକ ଆମର ଶତପଥୀ, ସାହିତ୍ୟିକ ମନୋଜ କୁମାର ମାହାପାତ୍ର, ବିଶ୍ୱମୁକ୍ତିର ସମ୍ପାଦକ ପ୍ରଫେସର ଶଶାଙ୍କ ଚୁଡ଼ାମଣି, ସମାଜସେବୀ ସଜ୍ଜନ୍ ଶର୍ମା, ପ୍ରବୀର ଶଙ୍କର ଦାଶ, ପବିତ୍ର ମୋହନ ଦାଶ ଯୋଗ ଦେଇଥିଲେ। ପବିତ୍ର ମୋହନ ଦାଶ ସ୍ୱାଗତ ଭାଷଣ ଦେବାବେଳେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀଗୋବିନ୍ଦ ଆଭିମୁଖ୍ୟ ପ୍ରକାଶ କରିଥିଲେ। ସମାଜସେବୀ କସ୍ତୁରୀ ମହାପାତ୍ର, ପରିବେଶ ସୁରକ୍ଷା କର୍ମୀ ବେଙ୍ଗ ପଲେଇ, ୟୁଥ୍ ଆଇକନ୍ ଓମ୍ ପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ବିଷ୍ଣୁ ବିଭବ' ଓ 'ଭଦ୍ରକର ଅନନ୍ୟ ପ୍ରତିଭା ବିଷ୍ଣୁ ସେଠୀ' ବନ୍ଦନା ଦାଶଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକ ଉନ୍ମୋଚିତ ହୋଇଥିଲା। କବିତା ପାଠୋତ୍ସବରେ ଅତିଥି ଭାବରେ ଲକ୍ଷ୍ମୀଧର ତ୍ରିପାଠୀ, ବିଭୂତି ଭୂଷଣ ସେନାପତି, କମଳ କୁମାର ମହାନ୍ତି ଯୋଗଦେବା ବେଳେ ଉମାକାନ୍ତ ରାଉତ ସଭାମୁଖ୍ୟ ଥିଲେ। ସ୍ନେହାଦାଶ ଲେଙ୍କା ଓ ସ୍ମୃତି ସୁଧା ସାହୁ କବିତା ପାଠୋତ୍ସରେ ସଂଯୋଜନ କରିଥିଲେ। କାର୍ଯ୍ୟକ୍ରମ ଲକ୍ଷ୍ମୀକାନ୍ତ ମହାନ୍ତି, ଶ୍ରୀରାମ ଓ ଲକ୍ଷ୍ମୀପ୍ରିୟା ପାଣ୍ଡବ ପ୍ରମୁଖ ସହଯୋଗରେ ଅନୁଷ୍ଠିତ ହୋଇଥିବା ବେଳେ ଇଂ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ପ୍ରବୀର ଶଙ୍କର ଦାଶ ଧନ୍ୟବାଦ୍ ଦେଇଥିଲେ।

## ସାହିତ୍ୟିକ ଜେପି ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର, ୫।୬(ସମିସ): କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ ଓ ଉତ୍ସ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆଜି ଭୁବନେଶ୍ୱରସ୍ଥିତ ଉତ୍ସ ଫାଉଣ୍ଡେସନ୍ ପରିସରରେ ଓଡ଼ିଆ ସାହିତ୍ୟିକ, ନାଟ୍ୟକାର, ଚିନ୍ତକ ଏବଂ ସଂସ୍କୃତିର ପ୍ରଖ୍ୟାତ ପୁରୋଧା ସ୍ୱର୍ଗତ ଜଗନ୍ନାଥ ପ୍ରସାଦ ଦାସଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ, କଳା ଓ ସଂସ୍କୃତି ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ଶିଳ୍ପୀ, ସଂସ୍କୃତିପ୍ରେମୀ ଓ ତାଙ୍କର ଅସଂଖ୍ୟ ଅନୁରାଗୀ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ଜଗନ୍ନାଥ ପ୍ରସାଦ ଦାସଙ୍କ ଜୀବନ, ସାହିତ୍ୟ ସାଧନା ଏବଂ ସାଂସ୍କୃତିକ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିବା ସହ ଓଡ଼ିଆ ସାହିତ୍ୟ ଓ ବୌଦ୍ଧିକ ଚର୍ଚ୍ଚା କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନକୁ ଆଲୋକପାତ କରିଥିଲେ। ସୃଜନଶୀଳତା, ଗବେଷଣା ଏବଂ ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ତାଙ୍କର ଆଜୀବନ ସମର୍ପଣ ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ସୁଦର୍ଶନ ଦାରୁପୀଠରେ ୧୦୦ ତୁଳସୀ ଚାରା ବଣ୍ଟନ

ବାଲିଅନ୍ତା, ୫।୬(ସମିସ): ବାଲିଅନ୍ତା ବ୍ଲକ ଗଡ଼ କଣ୍ଡୁଣିଆ ସୁଦର୍ଶନ ଦେବ ଦାରୁପୀଠ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାଞ୍ଚନ ଫାଉଣ୍ଡେସନ ଏବଂ ଜୟଦେବ ଗ୍ରିନ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶତାଧିକ ଶ୍ରଦ୍ଧାଳୁମାନଙ୍କୁ ଶତାଧିକ ତୁଳସୀ ଚାରା ବଣ୍ଟନ କରାଯାଇଥିଲା। ଏନେଇ କାଞ୍ଚନ ଫାଉଣ୍ଡେସନ ରଞ୍ଜନ କୁମାର ମହାପାତ୍ର ଏବଂ ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଲୋକଙ୍କୁ ସଚେତନ କରାଇବା ସହ ପରିବେଶ ସଂକ୍ରାନ୍ତୀୟ ପ୍ଲାକାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାରୁବ୍ରହ୍ମ ଟ୍ରଷ୍ଟର କୋଷାଧ୍ୟକ୍ଷ ଚକ୍ରଧର ନାୟକ, ଅବସର ପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନ, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବେହେରା ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି, କୋଚ ଉମାକାନ୍ତ ବେହେରା, ହରେକୃଷ୍ଣ ମହାରଣା, ଲକ୍ଷ୍ମଣ ଜେନା ପ୍ରମୁଖ ସାମିଲ ଥିଲେ।

## ଅନ୍ତର୍ଜାତୀୟ ରଜ ଉତ୍ସବ ଉଦ୍‌ଘାଟିତ

● 'ପରମ୍ପରା, ସଂସ୍କୃତି ଓ ବାଣିଜ୍ୟର ମିଳନ ଉତ୍ସବ'



ଭୁବନେଶ୍ୱର, ୫।୬(ସମିସ): ରଜ ଉତ୍ସବ ଓଡ଼ିଶାର ଏକ ପ୍ରମୁଖ ପାରମ୍ପରିକ ପର୍ବ, ଯାହା ନାରୀକୁ ଉର୍ବରତା ଏବଂ ବର୍ଷା ଋତୁର ଆଗମନର ପ୍ରତୀକ। ଭୁବନେଶ୍ୱରର ଜନତା ମଇଦାନଠାରେ ୫ ଜୁନ୍ ରୁ ୧୭ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଆନ୍ତର୍ଜାତୀୟ ରଜ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ଭାରତର ବିଭିନ୍ନ ରାଜ୍ୟ ଏବଂ ଅନେକ ବିଦେଶରୁ ୩୦୦ରୁ ଅଧିକ ପ୍ରଦର୍ଶକ ଏଥିରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। କାଶ୍ମୀରୀ ଫର୍ଣ୍ଣିଚର, କାରୁକାର୍ଯ୍ୟ ଫର୍ଣ୍ଣିଚର, ଆଣ୍ଟିକ୍ ଫର୍ଣ୍ଣିଚର, ସୋଫା ସେଟ୍, ଡାଇନିଂ ସେଟ୍, ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ, ଉତ୍ତର ପ୍ରଦେଶର ଇରାନୀ, ପର୍ସିଆନ୍ କାର୍ପେଟ୍, ବାଂଲାଦେଶର ପ୍ରସିଦ୍ଧ ଜାମଦାନୀ ଶାଢୀ ଓ ଆଣ୍ଟିକ୍ ପିତ୍ତଳ ଓ ତମ୍ବା ନିର୍ମିତ ସାମଗ୍ରୀ, ଇରାନର ଖଜୁରୀ, ଅଳଙ୍କାର ଏବଂ ହର୍ବାଲ ତେଲ, ଦୁବାଇର ପୋଷାକ, ଥାଇଲ୍ୟାଣ୍ଡର ଗହଣା, ପୋଷାକ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ଓଡ଼ିଶା ଓ ବାଂଲାଦେଶର ପୋଷାକ ଓ ଶାଢ଼ୀ ପ୍ରମୁଖ ଆକର୍ଷଣ ସାଜିଛି। ଏହି ଉତ୍ସବରେ ଏକ ଫୁଡ୍ ଫେଷ୍ଟିଭାଲ୍ ମଧ୍ୟ ଆୟୋଜିତ ହେଉଛି, ଯେଉଁଠାରେ ଓଡ଼ିଶା ସହ ଭାରତର ବିଭିନ୍ନ ଅଞ୍ଚଳର ସୁସ୍ୱାଦୁ ଖାଦ୍ୟର ସମାହାର ରହିଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ସୁଜିତ କୁମାର ଗୁପ୍ତା ଓ ପାୟଲ ଆଚାର୍ଯ୍ୟଙ୍କ ନେତୃତ୍ୱରେ, ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ବୃତିଗତ ଇଭେଣ୍ଟ ପରିଚାଳନା କ୍ଷେତ୍ରରେ ଏକ ପ୍ରମୁଖ ନାମ ଭାବେ ପରିଚିତ।

## ୧୨ରୁ ଆଇଏନ୍‌ଡବ୍ଲୁଇସିର ରଜ ମଉଜ




ଭୁବନେଶ୍ୱର, ୫।୬(ସମିସ): ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ମହିଳା ଉଦ୍ୟୋଗୀ ପରିଷଦ, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ତତ୍ତ୍ୱାବଧାନରେ ସାଂସ୍କୃତିକ ଏବଂ ଉଦ୍ୟୋଗୀ କାର୍ଯ୍ୟକ୍ରମ ଆଇଏନଡବ୍ଲୁଇସି ରଜ ମଉଜ ୨୦୨୬ ଘୋଷଣା କରିଛି। ଯାହାକି ଜୁନ୍ ୧୨ ରୁ ଜୁନ୍ ୧୪ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ ପାଲ ହାଇଟ୍ସରେ ଅନୁଷ୍ଠିତ ହେବ। ଏହି ତିନି ଦିନିଆ କାର୍ଯ୍ୟକ୍ରମ ମହିଳା ଉଦ୍ୟୋଗୀ କଳାକାର, ପ୍ରଦର୍ଶକ ଏବଂ ଦର୍ଶକଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବ। ରଜ ମଉଜ ୨୦୨୬ ର ପ୍ରମୁଖ ଆକର୍ଷଣରେ ମହିଳା ଉଦ୍ୟୋଗୀମାନଙ୍କର ପ୍ରଦର୍ଶନୀ ଏବଂ ସଫି ଅଭିଜ୍ଞତା, ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଉତ୍ସବ, ହସ୍ତତନ୍ତ, ସଙ୍ଗୀତ ଏବଂ ସିନେମା ଉପରେ ପ୍ୟାନେଲ୍ ଆଲୋଚନା, ହାସ୍ୟରସ ପ୍ରଦର୍ଶନ ଇତ୍ୟାଦି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ହକି ତାରକା ଦିଲ୍ଲୀପ ତିର୍କୀ, ଚଳଚ୍ଚିତ୍ର ପ୍ରଯୋଜକ ଜିତେନ୍ଦ୍ର ମିଶ୍ର, ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ପ୍ରମୁଖ ଯୋଗଦେବ ବୋଲି ଆଇଏନଡବ୍ଲୁଇସି ଆବାହିକା ସିଏ ସ୍ୱାତୀ କେଜ୍ରିୱାଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁମାଦେବୀ ଦାଶ, ଆଇସିସି ପୂର୍ବତନ ଅଧ୍ୟକ୍ଷ ଜେବି ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଦୟା, ଗଙ୍ଗୁଆ ସୁରକ୍ଷା ନେଇ ଆଲୋଚନା




ଧଉଳି, ୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଧଉଳି ଛକରୁ ଧଉଳି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ହାତରେ ପ୍ଲାଗକାଡ ଧରି ପରିବେଶ ସୁରକ୍ଷା, ଗୋଟିଏ ଗଛ ଗୋଟିଏ ଜୀବନ, ଦୟା ନଦୀ ଓ ଗଙ୍ଗୁଆ ନଦୀର ସ୍ୱଚ୍ଛତାର ସୁରକ୍ଷା ଉପରେ ଜନସାଧାରଣଙ୍କୁ ବାର୍ତ୍ତା ଦେବା ସହ ନାରା ଦେଇ ପରିଷଦର ଶତାଧିକ ସଦସ୍ୟ, ବୁଦ୍ଧିଜୀବୀ, ଶୋଭାଯାତ୍ରା ଶେଷରେ ବୃକ୍ଷରୋପଣ କରିଥିଲା। ପରେ ପରେ ଗଙ୍ଗୁଆ ଓ ଦୟାନଦୀର ସୁରକ୍ଷା ନେଇ ବିଶେଷ ଆଲୋଚନା କରା ଯାଇଥିଲା। ପରିଷଦର ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରମୁଖ ସୁଦର୍ଶନ ଦାସ, ସାମ୍ବାଦିକ ଗିରିଜା ଶଙ୍କର ଦାଶ, ପରିଷଦର ଉପସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ ପୁରୋହିତ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ପ୍ରଶାନ୍ତ ମିଶ୍ର, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ସୁମନ୍ତ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।

● ରାଜ୍ୟସ୍ତରୀୟ ଅବକାରୀ ଅଧୀକ୍ଷକ ସମ୍ମିଳନୀ

## ପେସାଦାର ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୬(ସମିସ): ଗୁଇନ୍ଦା ରିପୋର୍ଟକୁ ଆଧାର କରି ନିୟମିତ ଚଢ଼ାଉ ସହ ପେସାଦାର ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରି ନ୍ୟାୟାଳୟରେ ଦଣ୍ଡବିଧାନ ସହ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଆରଏସ୍. ଗୋପାଳନ୍ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରଶାସନିକ ସଂସ୍କାର ବିଷୟରେ ଆଲୋଚନା କରିଥିଲେ। ଅବକାରୀ କମିଶନର ପି. ଅନ୍ୱେଷୋ ରେଡ୍ଡୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ବିସିଏଲ୍‌ର ଏମ୍‌ଡି ଦେବେନ କୁମାର ପ୍ରଧାନ, ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଓ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ କମିଶନର ରୁଦ୍ର ନାରାୟଣ ମହାନ୍ତି ଏବଂ ସବୁ ଜିଲ୍ଲାର ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ ଉଦ୍‌ଘାଟିତ




କଟକ, ୫।୬(ସମିସ): ପାହାଳସ୍ଥିତ ପାଲହାଇଟ୍ ମଣ୍ଡପ ସମ୍ମିଳନୀ କକ୍ଷରେ ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ ୨୦୨୬ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅନୁଷ୍ଠାନର ପୂର୍ବତନ ସଭାପତି ଅତୁଲ କୁମାର ଗୁପ୍ତା ଓ ରଞ୍ଜିତ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ଆଇସିଏଆଇ କେନ୍ଦ୍ରୀୟ ପରିଷଦ ସଦସ୍ୟ ରବି କୁମାର ପାଟୱା, ସଞ୍ଜୀବ ସାଙ୍ଗୀ, ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ମୟୂର ଅଗ୍ରୱାଲ, ସମ୍ମିଳନୀ ପରିଚାଳନା କମିଟିର ଅଧ୍ୟକ୍ଷ ସଚିନ୍ ଉଦୟପୁରିଆ, କଟକ ଶାଖାର ଅଧ୍ୟକ୍ଷ ଲଳିତ କୁମାର ମହାଭାରତୀ ଏବଂ ଶାଖା ସମ୍ପାଦକ ସୁବାସଚନ୍ଦ୍ର ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ସମେତ ସାରା ଦେଶରୁ ପ୍ରାୟ ୭୫୦ରୁ ଅଧିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏହି ମେଗା ସମ୍ମିଳନୀରେ ସାମିଲ ହୋଇଥିବା ନେଇ ପରିଚାଳନା କମିଟିର ଲୋକସମ୍ପର୍କ ବିଭାଗ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

- **ସମ୍ମିଳନୀରେ ଯୋଗଦେଲେ ଦେଶର ୭୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି**

## ବିଶ୍ୱ ଦକ୍ଷତା କେନ୍ଦ୍ର ଓ ବିଶ୍ୱ ବାଣିଜ୍ୟ କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର, ୫।୬(ସମିସ): ଓଡ଼ିଶାର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ କରିବା ଏବଂ ସେମାନଙ୍କ ପାଇଁ ଅନ୍ତର୍ଜାତୀୟ ବଜାରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ବିଶ୍ୱ ବାଣିଜ୍ୟ କେନ୍ଦ୍ର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ସହଭାଗିତା ମାଧ୍ୟମରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ଇଣ୍ଟର୍ନସିପ୍ ଏବଂ ଆପ୍ରେଣ୍ଟିସସିପ୍ ସୁଯୋଗ ପାଇପାରିବେ। ଏହାବ୍ୟତୀତ ଅନ୍ତର୍ଜାତୀୟ ଶିଳ୍ପ ସଂସ୍ଥାଗୁଡ଼ିକ ସହିତ ଯୋଗାଯୋଗ ସ୍ଥାପନ କରିବା ଏବଂ ବ୍ୟବସାୟିକ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିବା ଦିଗରେ ଏହି ଚୁକ୍ତିନାମା ଏକ ବଡ଼ ପଦକ୍ଷେପ ହେବ ବୋଲି କୁହାଯାଇଛି। ଏହି ଅବସରରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜ୍ୟଲକ୍ଷ୍ମୀ କହିଛନ୍ତି, ବର୍ତ୍ତମାନର ବିଶ୍ୱ ଅର୍ଥନୀତିରେ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ସର୍ବାଧିକ। ଏହି ସହଭାଗିତା ଓଡ଼ିଶାର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଅଭିଜ୍ଞତା ପ୍ରଦାନ କରିବା ସହ ସେମାନଙ୍କ ଉତ୍ତମ ଭବିଷ୍ୟତ ଗଠନରେ ସହାୟ ହେବ। ଏହି ବୁଝାମଣାପତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଡ. ଶୁଭାଙ୍ଗ କିଶୋର ଦାସ ଏବଂ ବିଶ୍ୱ ବାଣିଜ୍ୟ କେନ୍ଦ୍ର, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜ୍ୟଲକ୍ଷ୍ମୀ ସ୍ୱାକ୍ଷର କରିଥିଲେ। ଏହି ସମୟରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସମେତ ଉଭୟ ଅନୁଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ଆଲାପ'ର ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୫।୬(ସମିସ): ଆଲାପ କଲ୍‌ଚରାଲ ଟ୍ରଷ୍ଟର ୧୦ମ ବାର୍ଷିକ ମହୋତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ଅଧିବେଶନରେ ଏହି ସାରସ୍ୱତ ଉତ୍ସବରେ ଡେପୁଟି କମିଶନର ଅଫ୍ ପୋଲିସ ଶ୍ରୀକୃଷ୍ଣ ଚନ୍ଦ୍ର ସେଠୀ, ପ୍ରଫେସର ଦୀପା ମିଶ୍ର, ପରିଚାଳନା ନିର୍ଦ୍ଦେଶକ ପି.ପି.ଏଲ୍ ଦିଲ୍ଲୀପ କୁମାର ପଟ୍ଟନାୟକ, ସଭାପତି ବଦ୍ରୀନାରାୟଣ ମହାନ୍ତି, ସମ୍ପାଦକ ଗୁରୁ ନିମାକାନ୍ତ ରାଉତରାୟ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ବଦ୍ରୀନାରାୟଣ ମହାନ୍ତି ଅନୁଷ୍ଠାନର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁ ନିମାକାନ୍ତ ରାଉତରାୟଙ୍କ ଶିଷ୍ୟମାନେ ଆମ ପାରମ୍ପରିକ ଓଡ଼ିଶୀ ସଙ୍ଗୀତର ଛାନ୍ଦ, ଚମ୍ପୂ,




ଚଉପଦୀ, ଚଉତିଶା, ଭଜନ, ଜଣାଣ, ଗୀତଗୋବିନ୍ଦ ଆଦି ପରିବେଷଣ ହୋଇଥିଲା। କଳାକାର ମାନଙ୍କ ଦ୍ୱାରା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ହୋଇଥିଲା।

## ଚତୁର୍ଥ କଳାଭୂମି ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୫।୬(ସମିସ): ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ଅପୂର୍ବ ସଙ୍ଗମ ୩ଦିନିଆ ଚତୁର୍ଥ କଳାଭୂମି ମହୋତ୍ସବ-୨୦୨୬ ଶୁକ୍ରବାର ରବୀନ୍ଦ୍ରମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସ୍ଥପତି ପଦ୍ମଶ୍ରୀ ସମ୍ମାନ ବିଭୂଷିତ ଅଦ୍ୱିତ ଗଡ଼ ନାୟକ, ବିଜେପି ନେତା ଗୋଲକ ମହାପାତ୍ର, ବିଜେପି ଖୋର୍ଦ୍ଧାଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ କ୍ଷେତ୍ରରେ ନିଜ ଜୀବନ ଉତ୍ସର୍ଗ କରିଥିବା ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଶାସ୍ତ୍ରୀୟ ହିନ୍ଦୁସ୍ଥାନୀ ସଙ୍ଗୀତରେ ମହାରଥ ହାସଲ କରିଥିବା ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କୁ 'କଳାଭୂମି ସମ୍ମାନ' ଓ ଯୁବ ଓଡିଶୀ ମର୍ଦ୍ଦଳ ବାଦକ ସୌମ୍ୟରଞ୍ଜନ ନାୟକଙ୍କୁ 'କଳାଭୂମି ଯୁବ ପ୍ରତିଭା ସମ୍ମାନ' ପ୍ରଦାନ ସହ ୧୫ ହଜାର ଟଙ୍କାର ସମ୍ମାନ ଅର୍ଥରାଶି ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ ଓଡିଶୀ କଣ୍ଠଶିଳ୍ପୀ ସତ୍ୟବ୍ରତ କାଠଙ୍କ ଓଡିଶୀ ସଙ୍ଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ଏହି ମହୋତ୍ସବରେ କୋଲକାତାର ରିମ୍ପା ଶିବା ମୁଖ୍ୟ ଆକର୍ଷଣ ଥିଲେ। ତବ୍‌ଲା, ମର୍ଦ୍ଦଳ ଓ ଡ୍ରମ୍ବର ନିଆରା ରିଦିମ୍ ସଙ୍ଗମକୁ ଭରପୂର ଉପଭୋଗ କରିଥିଲେ ଉପସ୍ଥିତ କଳାପ୍ରେମୀ। ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନଜରରେ ରଖି ଚିତ୍ରକଳା ପ୍ରଦର୍ଶନୀରେ ଚଳିତ ବର୍ଷ ଜଗତର ନାଥ ଶ୍ରୀ ଜଗନ୍ନାଥକୁ ନେଇ ଦେଶ ତଥା ରାଜ୍ୟର କୋଣଅନୁକୋଣର ପ୍ରମୁଖ ଚିତ୍ରକଳା ପ୍ରଦର୍ଶିତ ହୋଇଛି। କଳାଭୂମି ଅଧ୍ୟକ୍ଷ ଡକ୍ଟର ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଡ଼. ମୃତ୍ୟୁଞ୍ଜୟ ରଥ ସଂଯୋଜନା ଦାୟିତ୍ୱରେ ରହିଛନ୍ତି।

